## ସଂକ୍ଷେପରେ

### ହାଇଦ୍ରାବାଦ ଫେରନ୍ତାଙ୍କ ସନ୍ଦେହଜନକ ମୃତ୍ୟୁ

**ସୋର, ୨୪।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ବ୍ଲକ ନିକଟବର୍ତ୍ତୀ ନିମିନଗଡ଼ିଆ ଗ୍ରାମର ଗଙ୍ଗାଧର ବେହେରା(୫୩) ନାମକ ଯୁବକ ହାଇଦ୍ରାବାଦରୁ ଫେରିବା ପରେ ଶୁକ୍ରବାର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର କଟକ ସ୍ଥାନାନ୍ତର ଲାଗି ପରାମର୍ଶ ଦେଇଥିଲେ। ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ଗଙ୍ଗାଧର ହାଇଦ୍ରାବାଦରେ ଏକ ଗେଷ୍ଟ ହାଉସରେ କାମ କରୁଥିଲେ। ସେ ୪ ଦିନ ପୂର୍ବରୁ ଘରକୁ ଫେରିଥିଲେ। ଶୁକ୍ରବାର ତାଙ୍କ ଛାତିରେ କଷ୍ଟ ହେବାରୁ ତାଙ୍କୁ ସୋର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ସେ କରୋନା ପଜିଟିଭ ଥିଲେ କି ନାହିଁ ଜଣାପଡ଼ିନାହିଁ।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ସୋର, ୨୪।୪(ଡି.ଏନ୍.ଏ.):** ଶୁକ୍ରବାର ସୋର ଇଟୁଆ ରେଳଗେଟ୍ ନିକଟରେ ଚକ୍ରଧର ମହାନ୍ତି (୪୬) ନାମକ ଯୁବକ ଟ୍ରେନଲାଇନ୍ ଅତିକ୍ରମ କରୁଥିବା ବେଳେ ମାଲଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ତାଙ୍କ ଘର ପୌରପରିଷଦ ଅନ୍ତର୍ଗତ ମୋବାରକପୁର ଗ୍ରାମରେ। ବାଲେଶ୍ୱର ଜିଆରପି ଶବ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ହନୁମାନ ମନ୍ଦିର ପ୍ରତିଷ୍ଠା

**ବାଙ୍ଗିରିପୋଷି,୨୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବଜାର ମଧ୍ୟସ୍ଥ ଆଦ୍ୟେଶ୍ୱର ମହାଦେବଙ୍କ ପୀଠରେ ଏକ ନୂତନ ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳୁ ମହିଳା ଶ୍ରଦ୍ଧାଳୁମାନେ ବୁଢ଼ାବଳଙ୍ଗ ନଦୀରୁ କଳସରେ ଜଳ ଆଣିବା ପରେପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଶନିବାର ପୂର୍ଣ୍ଣାହୁତି ପରେ ପ୍ରସାଦ ବଣ୍ଟନ ହୋଇଥିଲା। ସ୍ଥାନୀୟ ଅଞ୍ଚଳର ଜଣାଶୁଣା ବ୍ୟବସାୟୀ ରାମକରଣ ଅଗ୍ରୱାଲଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିର ପ୍ରତିଷ୍ଠା ହୋଇଛି। ଶ୍ରୀକାନ୍ତ ହୋତା, ସଞ୍ଜୟ ଅଗ୍ରୱାଲ, ଜାନକୀଲାଲ ଅଗ୍ରୱାଲ, ମୋତିଲାଲ ଦାଶ, ବିଶ୍ୱଜିତ ସାହୁ, ଆକାଶ ମହୋତା,ଦେବାଶିଷ ମହାପାତ୍ର, ଯଦୁନାଥ ସେଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମୋ ସ୍କୁଲ ଅଭିଯାନ ବୈଠକ

**ଭଣ୍ଡାରିପୋଖରୀ,୨୪।୪ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ସରକାରୀ ଉ. ପ୍ରା. ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଅନ୍ୟତମ ଅତିଥି ଭାବେ ଏବିଇଓ ଉମେଶ ଜେନା, ଅକ୍ଷୟ ଜେନା, ସିଆର୍‌ସିସି ପୁଷ୍ପକ ଭାରତୀ, ମହିଳାନେତ୍ରୀ ସୁଜାତା ଜେନା, ଜଗବନ୍ଧୁ ମହାପାତ୍ର, ଅମିତ ମୋହନ ସିଂ, ବଟକୃଷ୍ଣ ସାହୁ, ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ କର୍ମୀ ଶଶୀକାନ୍ତ ଜେନା ୧ ଲକ୍ଷ, ଭାଗବତ ପ୍ରସାଦ ବେହେରା ୨୫ ହଜାର, ଶରତ ଜେନା ୨୫ ହଜାର ଓ ସରୋଜ ଜେନା ୧୦ ହଜାର ଟଙ୍କାର ଚେକ୍ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଧନେଶ୍ୱର ସାହୁ, ଗାୟତ୍ରୀ ସାହୁ, ମଧୁସ୍ମିତା ପରିଡ଼ା, ନରେନ୍ଦ୍ର ସେଠୀ, ଦୀପ୍ତିପ୍ରଭା ବେହୁରିଆ ପ୍ରମୁଖ ପରିଚାଳନା କରିଥିଲେ।

# ସପ୍ତାହାନ୍ତ ଶଟ୍‌ଡାଉନ କଡ଼ାକଡ଼ି

## ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ



ବାଲେଶ୍ୱର ସହରରେ ପୋଲିସ୍ ପକ୍ଷରୁ ଯାଞ୍ଚ କରାଯାଉଛି।

**ବାଲେଶ୍ୱର ଅଫିସ, ୨୪।୪**

ମହାମାରୀ କରୋନାର ଦ୍ୱିତୀୟ ଲହର ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସପ୍ତାହନ୍ତ ଶଟ୍‌ଡାଉନ ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରଶାସନ ପକ୍ଷରୁ ଶଟ୍‌ଡାଉନ ସମୟରେ ସମସ୍ତ ପର୍ଯ୍ୟଟନସ୍ଥଳୀ ଓ ବିଭିନ୍ନ ଧର୍ମାନୁଷ୍ଠାନ, ମନ୍ଦିର ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି। ବାଲେଶ୍ୱର ପୌରାଞ୍ଚଳ ସମେତ ଜଳେଶ୍ୱର, ନୀଳଗିରି, ସୋର ସହରରେ ଶଟ୍‌ଡାଉନ କଡ଼ାକଡ଼ କରାଯାଇଛି। ସହରର ପ୍ରତି ଛକରେ ପୋଲିସ ମୁତୟନ କରାଯାଇ ଯାଞ୍ଚ କରାଯାଇଛି। ବିନା କାର୍ଯ୍ୟରେ ଯେଉଁମାନେ ବାହାରେ ବୁଲାବୁଲି କରୁଥିଲେ, ସେମାନଙ୍କୁ ପୋଲିସ ତାଗିଦ୍ କରିବା ସହ ଜରିମାନା ଆଦାୟ କରିଛି। ପୋଲିସ ପ୍ରଶାସନ ପକ୍ଷରୁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସହର ପ୍ରତି ଛକରେ ପୋଲିସ ପହରା ଜାରି ରହିଛି। ନିଜେ ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ପୋଲିସର ବରିଷ୍ଠ ଅଧିକାରୀମାନେ ପାଟ୍ରୋଲିଂ କରିଥିଲେ। ବିନା କାରଣରେ ଯେଉଁମାନେ ବାହାରେ ବୁଲାବୁଲି କରୁଥିଲେ ସେମାନଙ୍କୁ ପୋଲିସ ପକ୍ଷରୁ ତାଗିଦ୍ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସହରର ପ୍ରବେଶ ପଥରେ ଯାଞ୍ଚ କଡ଼ାକଡ଼ି ଥିବା ବେଳେ ସିନେମାଛକ, ଫାଣ୍ଡିଛକ, ଫକୀରମୋହନ ଗୋଲେଇ, ପୋଲିସ ଲାଇନ୍, ଆଇଟିଆଇ ଛକ, ବସ୍‌ଷ୍ଟାଣ୍ଡ, ରେମୁଣା ଗୋଲେଇ, ଟାଉନ୍ ଥାନା ଛକ ସହ ସହରର ପ୍ରତ୍ୟେକ ସ୍ଥାନରେ ପୋଲିସ ଯାଞ୍ଚ କରିଥିଲା।

## କରୋନାକୁ ନେଇ ବଢ଼ୁଛି ଭୟ

**କେନ୍ଦୁଝର ୨୪।୪(ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗୁଥିବା ବେଳେ ସହରାଞ୍ଚଳରେ ଏହା ଅଧିକ ବ୍ୟାପୁଛି। ଏଣୁ କେନ୍ଦୁଝର ସହର ସମେତ ଅନ୍ୟାନ୍ୟ ସହରରେ ସପ୍ତାହାନ୍ତ ଶଟ୍‌ଡାଉନ ଶାନ୍ତିପୂର୍ଣ୍ଣ ଭାବେ ହୋଇଛି। ସ୍ୱତଃ ପ୍ରବୃତ୍ତ ଭାବେ ଲୋକମାନେ ପଦାକୁ ନ ବାହାରି ଘରେ ରହିଥିବାବେଳେ ଅତି ଜରୁରୀ ପଡିଲେ ପଦାକୁ ବାହାରିଥିବା ଦେଖିବାକୁ ମିଳିଛି। ସେହିପରି ଜରୁରୀ ଦୋକାନ ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାବେଳେ ରାସ୍ତାଘାଟ ଶୂନଶାନ ହୋଇ ଯାଇଥିଲା। ବିଭିନ୍ନ କାରଣରୁ ଲୋକଙ୍କ ମୃତ୍ୟୁ ହେଉଥିବାରୁ ଲୋକେ ଭୟଭୀତ ହୋଇ ପଡିଛନ୍ତି । ଏଣୁ ସମସ୍ତେ ସତର୍କତା ଅବଲମ୍ବନ କରିବା ସହ ବିନା ମାସ୍କରେ ପଦାକୁ ବାହାରୁନାହାନ୍ତି। ଅନ୍ୟପକ୍ଷରେ ଅମାନିଆ ଦୋକାନୀ ଓ ଲୋକଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।


ଅମାନିଆଙ୍କୁ ବଡବିଲ ପୋଲିସ ତାଗିଦ୍ କରୁଛି।

## ବଙ୍ଗୀୟ ଯାତ୍ରୀଙ୍କ ଅବାଧ ପ୍ରବେଶ

**ବଡବିଲ, ୨୪।୪(ସ୍ୱ.ପ୍ର)**

ରାଜ୍ୟବ୍ୟାପୀ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ ହୋଇଥିଲାବେଳେ ସହରାଞ୍ଚଳରେ ଶନିବାର ଓ ରବିବାର ଦୁଇଦିନିଆ ଶଟ୍ ଡାଉନ ଘୋଷଣା ହୋଇଛି। କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ରାଜ୍ୟର ପ୍ରବେଶ ପଥ ନାଲଦା ତଥା ଝାଡଖଣ୍ଡ ରାଜ୍ୟ ବଡଜାମଦା ସୀମାନ୍ତ ମୁକୁଳା ପଡିଥିବାବେଳେ ରେଳ ଷ୍ଟେଶନରେ ଯାତ୍ରୀଙ୍କ ନିମନ୍ତେ କୌଣସି କଟକଣା ଲାଗୁ ହୋଇନାହିଁ। ଫଳରେ ପଶ୍ଚିମବଙ୍ଗ କୋଲକତାରୁ ଆସୁଥିବା ହାଓ୍ୱଡା-ବଡବିଲ ଜନଶତାବ୍ଦୀ ଏକ୍ସପ୍ରେସ ଟ୍ରେନରେ ଯାତ୍ରୀଙ୍କର କୌଣସି ଯାଞ୍ଚ ହେଉ ନ ଥିବାବେଳେ ଅଟୋରେ ଭର୍ତ୍ତି ହୋଇ ଯାତ୍ରୀମାନେ ଅବାଧରେ ଷ୍ଟେଶନରୁ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯା-ଆସ କରୁଥିବା ଦେଖିବାକୁ ମିଳିଛି। ଯ'ଦ୍ୱାରା କରୋନାର ଟ୍ରିପଲ ମ୍ୟୁଟାଣ୍ଟ ବ୍ୟାପିବାର ସମ୍ଭାବନା ଦେଖାଦେଇଛି। ଏପଟେ ସାପ୍ତାହାନ୍ତ ଶଟ୍‌ଡାଉନ ନିମନ୍ତେ ପୋଲିସ ସହରାଞ୍ଚଳରେ ବ୍ୟାପକ ପଇଁତରା ମାରୁଥିବାବେଳେ ଅମାନିଆଙ୍କୁ ବେଶ୍ ତାଗିଦ କରିଛି।



ଭଦ୍ରକ ସହରରେ ଦୋକାନ ବଜାର ବନ୍ଦ।

## ରାସ୍ତାଘାଟ ଶୂନ୍‌ଶାନ

**ଭଦ୍ରକ ଅଫିସ, ୨୪।୪:** ପ୍ରତି ସପ୍ତାହର ଦୁଇଦିନିଆ ଶଟ୍‌ଡାଉନ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ଭଦ୍ରକ ଜିଲାର ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ସହରାଞ୍ଚଳରେ ଶଟ୍‌ଡାଉନ ଜାରି ରହିଛି। କେବଳ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ଗାଡ଼ି ମୋଟରକୁ ବାଦ୍ ଦେଲେ ରାସ୍ତାଘାଟ ଶୂନ୍‌ଶାନ୍ ପରିଲକ୍ଷିତ ହୋଇଥିଲା। ଭଦ୍ରକ ଟାଉନ ପୋଲିସ ପକ୍ଷରୁ ବନ୍ତ, ଟାଉନ ହଲ୍, ଶନିମନ୍ଦିର, ବାଇପାସ୍ ଛକ ଭଳି ସ୍ଥାନଗୁଡ଼ିକରେ କଡ଼ା ପହରା ବ୍ୟବସ୍ଥା କରାଯାଇଥିଲା। ଲୋକମାନେ ଆପେ ସଚେତନ ଥିବା ଦେଖିବାକୁ ମିଳିଛି। ପ୍ରଶାସନିକ ନୀତିନିୟମକୁ ସହରବାସୀ ପାଳନ କରୁଥିବା ପରିଲକ୍ଷିତ ହୋଇଛି। ସେହିପରି ସହରାଞ୍ଚଳରେ ଦୋକାନ ବଜାର ବନ୍ଦ ରହିଥିଲା। ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ସପ୍ତାହନ୍ତ ଶଟଡାଉନ ବଳବତ୍ତର ରହିବ ବୋଲି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶନିବାର ଜିଲାରୁ ୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଜଣେ ୩୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


ଉଦଳା ବସଷ୍ଟାଣ୍ଡ ଖାଁ ଖାଁ।

## ଅକ୍ସିଜେନ୍ ଭର୍ତ୍ତି ପିକ୍‌ଅପ୍ ଦୁର୍ଘଟଣାଗ୍ରସ୍ତ

**ସଜନାଗଡ଼, ୨୪।୪(ଡି.ଏନ.ଏ.)**

- ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ
- ୩ଘଣ୍ଟା ଧରି ଅଟକ
- ୧୫ହଜାର ଦାବି କଲେ ବିଦ୍ୟୁତ୍ କର୍ମଚାରୀ

ରାଜ୍ୟ ସରକାର ଅତ୍ୟାବଶ୍ୟକ ଜିନିଷ ପରିବହନ ଉପରେ କଟକଣା ଜାରି କରି ନ ଥିବା ବେଳେ ଶନିବାର ଏକ ଅକ୍ସିଜେନ୍ ଭର୍ତ୍ତି ପିକଅପ୍ ଭ୍ୟାନ୍ (ନଂ.ଓଡ଼ି୦୧ଏଏଚ୍-୫୫୩୦) ବାଲେଶ୍ୱରରୁ କପ୍ତିପଦା ମେଡ଼ିକାଲକୁ ଅକ୍ସିଜେନ୍ ସିଲିଣ୍ଡର ଦେଇ ଫେରୁଥିବା ବେଳେ ୧୯ନଂ. ରାଜ୍ୟ ରାଜପଥର ବାଉଁଶନାଳ ଛକ ନିକଟରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଡ଼େଇ ହୋଇଯାଇଥିଲା। ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିଲା। ଉକ୍ତ ଅଞ୍ଚଳର ଲାଇନମ୍ୟାନ୍ ପହଞ୍ଚି ବିଦ୍ୟୁତ୍‌ଖୁଣ୍ଟ ବାବଦରେ ୧୫ହଜାର ଟଙ୍କା ଦାବି କରି ଦୀର୍ଘ ୩ ଘଣ୍ଟା ଧରି ଅକ୍ସିଜେନ୍ ସିଲିଣ୍ଡର ଭର୍ତ୍ତି ଗାଡ଼ିକୁ ଅଟକ ରଖିଥିବା ଡ୍ରାଇଭର ଶୁଭଙ୍କର ମାର୍ଣ୍ଡୀ ପ୍ରକାଶ କରିଛନ୍ତି। ତେବେ ରାଜ୍ୟ ସରକାର ଏବଂ ଦିଲ୍ଲୀ ହାଇକୋର୍ଟ କରୋନା ମହାମାରୀ ସମୟରେ ଅକ୍ସିଜେନ୍ ଯୋଗାଣରେ କେହି ବି ବାଧା ଦେଇପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଭଳି ଜରୁରୀକାଳୀନ ପରିସ୍ଥିତିରେ ବିଦ୍ୟୁତ୍ ଖୁଣ୍ଟ ମରାମତି ନାଁରେ ପିକଅପ୍ ଭ୍ୟାନ୍‌କୁ ଅଟକ ରଖାଯିବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ଭାଙ୍ଗି ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଓ ଦୁର୍ଘଟଣାଗ୍ରସ୍ତ ପିକଅପ୍।

## ଠାକୁରମୁଣ୍ଡାରେ ୮୦ ଆକ୍ରାନ୍ତ : ଜଣେ ମୃତ

**ଠାକୁରମୁଣ୍ଡା,୨୪।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରୁ ଶନିବାର ସୁଦ୍ଧା ମୋଟ ୮୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତମାନଙ୍କ ମଧ୍ୟରୁ ସକାଳେ ଜଣଙ୍କର ମୃତ୍ୟୁ ଘଟିଛି। କରଞ୍ଜିଆ ବ୍ଲକ ଟାଟୋଠାରେ ଥିବା କୋଭିଡ୍ କେୟାର ସେଣ୍ଟରରେ ରହି ସେ ଚିକିତ୍ସିତ ହେଉଥିଲେ। ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ବାରିପଦା କୋଭିଡ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଶନିବାର ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା ପରୀକ୍ଷାରୁ ୮ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

NATIONAL HEALTH MISSION
NVBDCP
DSPL-24

### ବିଶ୍ୱ ମ୍ୟାଲେରିଆ ଦିବସ-୨୦୨୧

**ଆମର ଲକ୍ଷ୍ୟ - ମ୍ୟାଲେରିଆ ମୁକ୍ତ ବିଶ୍ୱ**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ଏପ୍ରିଲ୍ ୨୫ ତାରିଖ ରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ । ସଂପ୍ରତି କରୋନା ମହାମାରୀ ସ୍ଥିତିରେ ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଅଛି । ତେଣୁ ଆମ୍ଭମାନଙ୍କୁ ଏଥିପ୍ରତି ଅଧିକ ସତର୍କ ଓ ଯତ୍ନବାନ ହେବାକୁ ପଡିବ ।

**ସଚେତନ ହୁଅନ୍ତୁ, ମ୍ୟାଲେରିଆରୁ ନିଜକୁ ସୁରକ୍ଷିତ ରଖନ୍ତୁ ।**

- ପ୍ରତିଦିନ ମଶାରୀ କିମ୍ବା କୀଟନାଶକ ଔଷଧ ଉପଚାରିତ ମଶାରୀ ଟାଣି ଶୁଅନ୍ତୁ । ଗର୍ଭବତୀ ଓ ଶିଶୁମାନେ ମଶାରୀ ଭିତରେ ଯେପରି ନିଶ୍ଚିତ ଶୋଇବେ, ସେଥିପ୍ରତି ଯତ୍ନବାନ୍ ହୁଅନ୍ତୁ ।
- ଘର ଭିତରେ କୀଟନାଶକ ସିଞ୍ଚନ ପାଇଁ ସିଞ୍ଚନ କର୍ମୀଙ୍କୁ ସହଯୋଗ କରନ୍ତୁ । ସିଞ୍ଚନସ୍ଥାନକୁ ୩ମାସ ପର୍ଯ୍ୟନ୍ତ ଲିପାପୋଛା କରନ୍ତୁ ନାହିଁ ।
- ଜ୍ୱର ହେଲେ ଅତିଶୀଘ୍ର "ଆଶା" କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ମ୍ୟାଲେରିଆ ପାଇଁ ରକ୍ତ ପରୀକ୍ଷା କରାନ୍ତୁ । ମ୍ୟାଲେରିଆ ଜଣାପଡିଲେ ଔଷଧ ପୂରାମାତ୍ରାରେ ସେବନ କରନ୍ତୁ ।
- ମଶା ବଂଶବୃଦ୍ଧିକୁ ରୋକିବା ପାଇଁ ଘର ଓ ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ପରିବେଶ ପରିଷ୍କାର ରଖନ୍ତୁ ।

OIPR-10003/13/0018/2122

**ମ୍ୟାଲେରିଆର ଚିହ୍ନଟ ଓ ଚିକିତ୍ସା ଆଶା ଓ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ବିନାମୂଲ୍ୟରେ ଉପଲବ୍ଧ ।**

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ମାସ୍କ ସଠିକ୍ ଭାବରେ ବ୍ୟବହାର କରନ୍ତୁ
- ଶାରିରୀକ ଦୂରତା ବଜାୟ ରଖନ୍ତୁ
- ଜନଗହଳି ସ୍ଥାନଠାରୁ ଦୂରେଇ ରୁହନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

## ଶ୍ରେଣୀଗୃହ ଲାଗି ଭିତ୍ତିପ୍ରସ୍ତର

**ଜଳେଶ୍ୱର,୨୪।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଶାନ୍ତିଆ ଗ୍ରାମରେ ଥିବା ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଶ୍ରେଣୀଗୃହ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ହେବ। ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ଶିଳାନ୍ୟାସ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅରୁଣ କୁମାର ବେଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗିରି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୋ ସ୍କୁଲ ଅଭିଯାନର ଜିଲା ସଂଯୋଜକ ସନ୍ଦୀପ ଖଟୁଆ, ବ୍ଲକ ସଂଯୋଜକ ହରେନ୍ଦ୍ର ମହାନ୍ତି, ଜଳେଶ୍ୱର ବିଇଓ ବିରଞ୍ଜନ ଦାସ ମହାପାତ୍ର, ଏବିଇଓ ଲଲାଟେନ୍ଦୁ ଜେନା, ସୁଶାନ୍ତ ଜେନା, ଅଜୟ କୁମାର ଜେନା, ଓଷ୍ଟା ଜିଲା ସମ୍ପାଦକ ମନୋରଞ୍ଜନ ଦାସ, ସିଆର୍‌ସିସି ସୁବେଶ ପ୍ରଧାନ, ପ୍ରଧାନ ଶିକ୍ଷକ କାର୍ତ୍ତିକ ବାରିକ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଶିକ୍ଷା ଓ ପରିବେଶର ଉନ୍ନତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇବଣିଆ ଓଷ୍ଟା ସମ୍ପାଦକ ବଂଶୀ ବାରିକ, ଜଳେଶ୍ୱର ଓଷ୍ଟା ସମ୍ପାଦକ ଡ. ଅଜିତ୍ ମହାନ୍ତି, ସରୋଜ ପାଣିଗ୍ରାହୀ, ରାମକୃଷ୍ଣ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।


ନୂତନ ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଉପସ୍ଥିତ ଅତିଥି।

## ଆର୍‌ପିଏଫ୍ ପକ୍ଷରୁ କୋଭିଡ୍ ସଚେତନତା

**ରୂପ୍‌ସା, ୨୪।୪(ଡି.ଏନ.ଏ.)**

ବାଲେଶ୍ୱର ଆର୍‌ପିଏଫ୍ ଥାନା ପକ୍ଷରୁ ହଳଦୀପଦା ରେଳ ଷ୍ଟେଶନରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ଏସ୍‌କେ ସିହ୍ନାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଏସ୍‌କେ ବେହେରା, କନଷ୍ଟେବଲ ଏନ୍ ମିଶ୍ର, ବନିତା ମେହେର ପ୍ରମୁଖ ଷ୍ଟେଶନ ପରିସରରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। କୋଭିଡ୍‌ର ଦ୍ୱିତୀୟ ଲହରରୁ ବର୍ତ୍ତିବା ପାଇଁ ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଯାତ୍ରୀମାନେ ଟ୍ରେନ୍‌ର ଅସୁସ୍ଥତା ଅନୁଭବ କଲେ ସଙ୍ଗେ ସଙ୍ଗେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ ବୋଲି ଆହ୍ୱାନ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ହଳୀଦପଦା ପ୍ରଗତି ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ଉପସଭାପତି ବୃହସ୍ପତି ଦାସ, କୋଷାଧ୍ୟକ୍ଷ ଚୈତନ ପ୍ରସାଦ ସାହୁଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶଟ୍‌ଡାଉନ ବେଳେ ଔଷଧ ଦୋକାନ ଯାଞ୍ଚ

ସୋର, (ଡି.ଏନ.ଏ.): ସପ୍ତାହନ୍ତ ଶଟ୍‌ଡାଉନ ଘୋଷଣା ପରେ ସୋର ପୌରପରିଷଦର ସମସ୍ତ ଦୋକାନ ବଜାର ସ୍କୁଲ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଏହି ଅବସରରେ ସୋରର ବିଭିନ୍ନ ଔଷଧ ଦୋକାନରେ ଡ୍ରଗ୍ ଇନ୍ସପେକ୍ଟର ଜ୍ଞାନଦା ନନ୍ଦଙ୍କ ନେତୃତ୍ୱରେ ସୋର ପୋଲିସ ସହାୟତାରେ କରୋନା ପାଇଁ ଉପଯୋଗୀ ମେଡିଶନ୍ କଳାବଜାରି ରୋକିବା ପାଇଁ ବିଭିନ୍ନ ଔଷଧ ଦୋକାନରେ ପହଞ୍ଚି ଯାଞ୍ଚ କରିଥିଲେ। ଚଢ଼ାଉରେ ପୋଲିସ ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି ଏବଂ ଅନ୍ୟ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶିଳ୍ପ ତାଲିମ କେନ୍ଦ୍ରକୁ ୫୦ହଜାର ଜରିମାନା

ସିମୁଳିଆ, ୨୪।୪(ଡି.ଏନ.ଏ.): ଛାତ୍ରୀଛାତ୍ର କରୋନା ଆକ୍ରାନ୍ତ ନ ହେବା ପାଇଁ ସ୍କୁଲ, କଲେଜ ସମେତ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସରକାର ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରିବା ଅଭିଯୋଗରେ ସିମୁଳିଆ ବ୍ଲକ ସଦରମହକୁମା ମାର୍କୋଣାରେ ପ୍ରତିଷ୍ଠିତ ବିନୋରୀ ଆଇଟିଆଇ ନାମକ ଏକ ଶିଳ୍ପ ତାଲିମ କେନ୍ଦ୍ରକୁ ୫୦ହଜାର ଜରିମାନା କରାଯାଇଥିବା ଥାନାଧିକାରୀ ପର୍ଶୁରାମ ସାହୁ ସୂଚନା ଦେଇଛନ୍ତି। ପ୍ରତ୍ୟେକ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। କେତେଜଣ ଜନସାଧାରଣ ସଚେତନ ଥିବା ବେଳେ ଅନ୍ୟ କେତେକଙ୍କୁ ପୋଲିସ ସଚେତନ ପାଇଁ ମାସ୍କ, ହେଲମେଟ୍ ଆଦି ଫାଇନ କାଟି ସଚେତନ କରୁଛି।

### ହୃଦ୍‌ଘାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ରୂପ୍‌ସା, ୨୪।୪(ଡି.ଏନ.ଏ.): ରୂପ୍‌ସା ଥାନା ଅନ୍ତର୍ଗତ ଆଙ୍କୋ ନୋଡାଲ ୟୁପି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ତଥା ଖବରଦାତା ସଞ୍ଜୟ ସାମଲଙ୍କ ପତ୍ନୀ ଲିଲି ପଣ୍ଡାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଶୁକ୍ରବାର ବିଦ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଗେଟ୍‌ବଜାରଠାରେ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଅପମୃତ୍ୟୁ ମାମଲା (ନଂ. ୫/୨୧) ରୁଜୁ କରିଛି। ମୃତଦେହକୁ ଓଡ଼ିଆଶାସନସ୍ଥିତ ବାସଭବନକୁ ଅଣାଯାଇ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷୟିତ୍ରୀଶିକ୍ଷକ, ପ୍ରେସ କ୍ଲବ କର୍ମକର୍ତ୍ତା ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କୋଭିଡ୍ କଟକଣାରେ ସରିଲା ନୀଳକଣ୍ଠେଶ୍ୱରଙ୍କ ପାଟ ଉତ୍ସବ

ଭୋଗରାଇ, ୨୪।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଚୌକି ଗ୍ରାମସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ପାଟ ଉତ୍ସବ ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ ସମ୍ପନ୍ନ ହୋଇଛି। ଦୀର୍ଘ ୧୧ଦିନ ଧରି ଏହି ଶୈବପୀଠରେ ପାଟଭକ୍ତ, ଦେଉଳିଆ ଓ ଶ୍ରୀବେକିଡିକୁ ନେଇ ମହାଦେବଙ୍କ ଉତ୍ସବ ପାଳିତ ହୋଇଥିଲା। ପୂଜାରୀ ଏବଂ ସେବାୟତଙ୍କ ଦ୍ୱାରା ଜୀଉଙ୍କ ନୀତିକାନ୍ତି ପୂଜାର୍ଚ୍ଚନା କରାଯାଇଥିଲା। ଜୀଉଙ୍କ ନୀଳ ଉତ୍ସବରେ ହାକାଣ୍ଡ ପୋଖରୀରୁ ଥୁମ୍ପିକାଠ ଉପବୀତଧାରୀ ଭକ୍ତଙ୍କ ଦ୍ୱାରା ଉତ୍ତୋଳନ କରାଯାଇ ମହାଦେବଙ୍କ କୁଣ୍ଡ ପାଖରେ ରଖାଯାଇ ପୂଜାର୍ଚ୍ଚନା କରାଯାଇ ମଙ୍ଗଳ ପ୍ରାର୍ଥନା କରାଯାଇଥିଲା। ପାଠ ଉତ୍ସବରେ ସେବାୟତ, ପୂଜାରୀ, ବାଦ୍ୟକାର, ଉପବୀତଧାରୀ ଭକ୍ତମାନେ ବନାବସାଣ ହାକାଣ୍ଡ ପୋଖରୀରୁ ଫୁଲ ଚନ୍ଦନରେ ଭୂଷିତ ହୋଇ ସାହାନାଇ ବାଦ୍ୟ ତାଳେ ତାଳେ ମନ୍ଦିର ବିଜେ କରିଥିଲେ। ଶେଷରେ ଉପବୀତଧାରୀ ଭକ୍ତମାନେ ଜୀଉଙ୍କ ଉଦ୍ଦେଶ୍ୟରେ ମନସ୍କାମନା ପୂର୍ବକ ଶେଷ କରିଥିଲେ।

# ହସ୍ତକଳା କରିଛି ସ୍ୱାବଲମ୍ବୀ

ଦୀପକ କୁମାର ବେହେରା
ଚିତ୍ରଡ଼ା,୨୪।୪

ହାଣ୍ଡିଶାଳରୁ ମହାକାଶ। ଘର ଅଗଣାରୁ ସଂସଦ ଭବନ। ସବୁ କ୍ଷେତ୍ରରେ ନାରୀ ନିଜର ରାକାଷ୍ଠା ପ୍ରତିପାଦିତ କରିଆସୁଛନ୍ତି। ଅବଳା ଦୁର୍ବଳା ଶବ୍ଦ ଆଜିର ନାରୀ ଆଗରେ ହାର ମାନିଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ କାଦୁଆଣି ଗ୍ରାମରେ। ଏହି ଗ୍ରାମର ମା' ସିନ୍ଧୁତନୟା ପ୍ରତ୍ୟୁସର ଗ୍ରୁପର ମହିଳା ସଦସ୍ୟାମାନେ ହସ୍ତକଳା ଦ୍ୱାରା ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରି ପାରୁଛନ୍ତି। ନିଷ୍ଠା,ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେମାନେ ନିଜର ଦକ୍ଷତା ଦେଖାଉଛନ୍ତି। ପୁରୁଷଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରି ପାରିଛନ୍ତି।

୯ଟି ଗ୍ରୁପର ୩୫ଜଣ ମହିଳା ମିଶି ୭ ମାସ ଟ୍ରେନିଂ ନେଇ ସବାଇଘାସ, ଖଜୁରୀ ଡାଳ, ସୁତୁଲୀ ଆଦିରେ ୨୦ରୁ ୨୫ ପ୍ରକାରର ସୁନ୍ଦର ଘରକରଣା ଉପକରଣ ତିଆରି କରୁଥିବା ଦେଖିବାକୁ ମିଳିଛି। ଲୋକଙ୍କଠାରୁ ସବାଇଘାସ କିଣି ଏବଂ ଜଙ୍ଗଲରୁ ଖଜୁରୀ ଡାଳ ଆଣି ଘରକାମ ସରିବା ପରେ ପ୍ରତ୍ୟେକ ଦିନ ଏହି ଜିନିଷ ତିଆରି କରିବାରେ ସେମାନେ ଲାଗିପଡ଼ିଛନ୍ତି। ଏହି ମହିଳାମାନେ ତିଆରି କରୁଥିବା ଫୁଲ ଚାଙ୍ଗୁଡ଼ି, ଡଷ୍ଟବିନ, ଫଳ ବାସ୍କେଟ ଆଦି ବିଭିନ୍ନ ଉପକରଣ କିଣିବାକୁ ଲୋକେ ବେଶ ଆଗ୍ରହ ପ୍ରକାଶ କରୁଛନ୍ତି। ପ୍ରତ୍ୟେକ ମହିଳା ଦିନକୁ ୧୦୦ ଟଙ୍କା ହିସାବରେ ମାସକୁ ୩ ହଜାର ଟଙ୍କା ଲେଖାଏ ରୋଜଗାର କରିପାରୁଥିବା ଏହି ଗ୍ରୁପର ସଦସ୍ୟା ଧନବତୀ ଧଳ ପ୍ରକାଶ କରିଛନ୍ତି। ଏହି ସବୁ ସାମଗ୍ରୀ ତିଆରି କାର୍ଯ୍ୟରେ ସେମାନଙ୍କ ପରିବାର ଲୋକ ସହଯୋଗ କରୁଥିବା କୁହନ୍ତି ଲିଲି ନାୟକ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷର ବଜାର ଚାହିଦା ଅଧିକ ଥିବା ସଂଯୁକ୍ତା ରାଜ କହିଛନ୍ତି। ସରକାରୀ ଭାବେ ସେମାନେ କୌଣସି ତାଲିମ କିମ୍ବା ସୁବିଧା ସୁଯୋଗ ନ ପାଇ ଯେଭଳି ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରୁଛନ୍ତି ତାହା ଦ୍ୱାରା ଅନ୍ୟ ମହିଳାମାନେ ପ୍ରେରଣା ପାଇବେ ବୋଲି ଏହି ଗ୍ରୁପର ସଦସ୍ୟାମାନେ କହିଛନ୍ତି। ସରକାର ସେମାନଙ୍କ ଗ୍ରୁପଟିକୁ ରେଜିଷ୍ଟ୍ରେଶନ କରାଇଦେଲେ ସେମାନେ ତିଆରି କରୁଥିବା ଜିନିଷର ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି ପ୍ରକାଶ କରିଛନ୍ତି। ଏନେଇ ଓଡ଼ିଶା ଲିଭଲିହୁଡ୍ ମିଶନର ବିପିଏମ୍ ହିମାଂଶୁ ଭୂଷଣ ସାହୁଙ୍କୁ ପଚାରିବାରୁ ଚଢ଼େଇଗାଁ ଏମ୍‌ବିକେ ମିନତୀ ଦାସ ତାଙ୍କୁ ଏ ବିଷୟରେ କହିଥିଲେ ଓ ସେ ଏହି ଗ୍ରୁପ ବିଷୟରେ ଜାଣିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ରେଜିଷ୍ଟ୍ରେଶନ ପାଇଁ ଆସିଲେ ଉକ୍ତ ଗ୍ରୁପଟିକୁ ଫରମେଶନ କରାଯିବା ବୋଲି ସେ ପ୍ରକାଶ କରିଛନ୍ତି।


ମହିଳାମାନେ ଘରକରଣା ଉପକରଣ ତିଆରି କରୁଛନ୍ତି।

## ଭୋଟରଙ୍କୁ ନେବାକୁ ପଶ୍ଚିମବଙ୍ଗରୁ ଆସିଥିଲା ବସ୍

ପାଟଣା, ୨୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ବଜାର ନିକଟରୁ ଶନିବାର ସକାଳୁ ପଶ୍ଚିମବଙ୍ଗରୁ ବେଆଇନ ଭାବେ ପଶିଥିବା ଏକ ବସ୍‌କୁ ପରିବହନ ବିଭାଗ ଟ୍ରାଫିକ ଇନ୍ସପେକ୍ଟର ଶୁକ୍ରାମ ସୋରେନ ଅଟକ ରଖି ତୁରୁମୁଙ୍ଗା ଥାନା ଜିମା ଦେଇଛନ୍ତି। ଟ୍ରାଫିକ ଇନ୍ସପେକ୍ଟରଙ୍କ ସୂଚନା ଅନୁଯାୟୀ, ଉକ୍ତ ବସ୍‌ଟି ଟାକ୍ସ କିମ୍ବା ପରମିଟ ଦେଖାଇ ପାରିନାହିଁ। କରୋନା କଟକଣା ପାଇଁ ପଶ୍ଚିମବଙ୍ଗରୁ ବସ୍ ଚଳାଚଳ ଓ ପ୍ରବେଶ ଉପରେ ଓଡ଼ିଶା ସରକାର କଟକଣା ଲଗାଇଥିବାରୁ ବିନା ପରମିଟରେ ଏହି ବସ୍ ଓଡ଼ିଶା ସୀମାକୁ କିଭଳି ପ୍ରବେଶ କଲା ତାହା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ବସ୍ ଚାଳକ ଓ ହେଲପର୍‌ଙ୍କୁ ତୁରୁମୁଙ୍ଗା ଥାନାରେ ଅଟକ ରଖାଯାଇଛି। ତୁରୁମୁଙ୍ଗା ଥାନା ଅଧିକାରୀ ସୁଶାନ୍ତ ମଣୀ ମହାନ୍ତିଙ୍କ ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ମେଦିନିପୁରର ପାଂଶକୁରାରୁ ବସ୍‌ଟି ସମ୍ବଲପୁରକୁ ଯାଉଥିଲା। ପଶ୍ଚିମବଙ୍ଗ ନିର୍ବାଚନରେ ମତଦାନ ପାଇଁ ସ୍ଥାନୀୟ ଏକ ରାଜନୈତିକ ଦଳର ନେତା ମାନେ ଭୋଟରଙ୍କୁ ନେବା ଲାଗି ଉକ୍ତ ବସ ପଠାଇଥିବା ବସ୍ ଚାଳକ କହିଥିଲେ।

ଥାନା ଜିମା ଦେଲେ ଲୋକେ



## ପାର୍କିଂ ୟାର୍ଡରେ ପ୍ରବଳ ଭିଡ଼

କେନ୍ଦୁଝର, ୨୪।୪ (ସ୍ୱ.ପ୍ର.)

ସମସ୍ତ କୋଭିଡ ନୀତିନିୟମକୁ ଫୁ କରି ଚାଲିଛି ଲୁହାପଥର ପରିବହନ। ଲୁହାପଥର ପରିବହନକୁ ଯଦିଓ କୋଭିଡ କଟକଣାରୁ ବାଦ କରାଯାଇଛି ତେବେ ଏହା ଦ୍ୱାରା ଦେଖାଦେଉଥିବା ଭିଡ ଏବଂ ଲୋଡିଂ ପାଇଁ ଆସୁଥିବା ବାହାର ଜିଲା ଓ ରାଜ୍ୟର ଟ୍ରକ ଚାଳକ, ହେଲପର ମାନଙ୍କ ବେଲଗାମ ଟୋକନ ଓ ଲୁହାପଥର ଲୋଡିଂ ପାଇଁ ପାର୍କିଂ ୟାର୍ଡ, ଲୋଡିଂ ପଏଣ୍ଟରେ ପ୍ରବଳ ଭିଡ଼ ହେଉଛି। ସଦର ଥାନା ବାଂଶପାଳ ବ୍ଲକ ଶୁଆକାଟି ସ୍ଥିତ ଗନ୍ଧ ମାର୍ଦ୍ଦନ ଖଣିକୁ ଲୁହାପଥର ପରିବହନ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଟ୍ରକ ଯିବା ଆସିବା କରୁଛନ୍ତି । ଟୋକନ ପାଇଁ ଏବଂ ଲୋଡିଂ ପାଳି ପଡିବା ପର୍ଯ୍ୟନ୍ତ ସ୍ଥାନୀୟ କାଇପୁର ଗ୍ରାମରେ ଥିବା ପାର୍କିଂ ୟାର୍ଡରେ ସେମାନଙ୍କୁ ଅପେକ୍ଷା କରିବାକୁ ପଡିଥାଏ। ତେବେ ସେଠାରେ କଟକଣା ଅଭାବରୁ ଟ୍ରକ ଚାଳକ, ମାଲିକ ତଥା ହେଲପର ମାନେ ଟୋକନ ପାଇଁ ଶହ ଶହ ସଂଖ୍ୟାରେ ଭିଡ ଜମାଉଥିବାରୁ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା ରହୁଛି। ଏନେଇ ଜିଲାପାଳ ଆଶିଷ ଠାକରେଙ୍କୁ ଜଣାଇବା ପରେ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।


କାଇପୁର ପାର୍କିଂୟାର୍ଡରେ ଲୋକଙ୍କ ଭିଡ଼ ଜମିଛି।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

କପ୍ତିପଦା,୨୪।୪(ଡି.ଏନ୍.ଏ.)

ବେଆଇନ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ୨ଟି ଟ୍ରାକ୍ଟରକୁ ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲଦାର ସମରଜିତ କର ଜବତ କରିଛନ୍ତି। ଗୋଟିଏ ଟ୍ରାକ୍ଟରକୁ ନୂଆସାହି ବଜାର ନିକଟରୁ ଜବତ କରାଯାଇଛି। ଅନ୍ୟଟି ତହସିଲ ଗାଡ଼ି ଦେଖି ଦ୍ରୁତଗତିରେ ଯାଇ ସୁଣ୍ଡଳ ନିକଟରେ ବାଲି ଖାଲି କରୁଥିବା ବେଳେ ତାହାକୁ ମଧ୍ୟ ଜବତ କରି ଥାନାରେ ଜିମା ଦିଆଯାଇଛି। ଉଭୟ ଟ୍ରାକ୍ଟରର ଆବଶ୍ୟକୀୟ କାଗଜପତ୍ର ଠିକ୍ ନ ଥିବା ବେଳେ ସୋନ ନଦୀର ଆମ୍ବପିଛୁଳା ଓ ସୁଣ୍ଡଳ ଘାଟରୁ ବାଲି ଉତ୍ତୋଳନ କରୁଥିଲେ ବୋଲି ତହସିଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ୬ ବଖରା

ସଜନାଗଡ଼, ୨୪।୪(ଡି.ଏନ.ଏ.)

ଗୋଟିଏ ପରେ ଗୋଟିଏ ୫ଟି ଗ୍ୟାସ୍ ସିଲିଣ୍ଡର ଫାଟି ଜଳିଗଲା ୬ ବଖରା। ଏଭଳି ଦୁର୍ଘଟଣା ଘଟିଛି ବାଲେଶ୍ୱର ଜିଲା ଆମ୍ବୁଡିହା ଅଞ୍ଚଳରେ। ନୀଳଗିରି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

ଶୁକ୍ରବାର ରାତିରେ ଆମ୍ବୁଡ଼ିହା ଅଞ୍ଚଳର ୩ ଭାଇ ବିଜୟ କୁମାର ମଲ୍ଲିକ, ଅରୁଣ କୁମାର ମଲ୍ଲିକ, ସୁଶାନ୍ତ ମଲ୍ଲିକଙ୍କ ପରିବାର ଲୋକେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ଫଳରେ ଗରମ ଲାଗିବାରୁ ସେମାନେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ରୋଷେଇ ଘର ଭିତରେ ଥିବା ୫ଟି ଗ୍ୟାସ ସିଲିଣ୍ଡର ଗୋଟିଏ ପରେ ଗୋଟିଏ ଫାଟି କ୍ଷଣିକ ଭିତରେ ୬ ବଖରା ଘର ଜଳି ପାଉଁଶ ହୋଇଯାଇଥିଲା। ଏହାସହ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା, ଧାନଚାଉଳ, ଆସବାବପତ୍ର ପୋଡ଼ିଯାଇଛି। ନୀଳଗିରି ଦମକଳବାହିନୀ ରାତିସାରା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ପୂର୍ଣ୍ଣ ଆୟତ୍ତ କରିବାକୁ ଶନିବାର ସକାଳ ପର୍ଯ୍ୟନ୍ତ ସମୟ ଲାଗିଥିଲା।


ଜଳିଯାଇଥିବା ଘର।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

ବାସୁଦେବପୁର,୨୪।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ନାୟକାଣିଡିହୀ ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ି ପ୍ଲାଣ୍ଟ ପୋଖରୀରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ବାଲେଶ୍ୱର ଜିଲା ଚାନ୍ଦିପୁର ଗ୍ରାମର ବିଜୟ ମାଝୀ। ସୂଚନା ଅନୁଯାୟୀ, ସେ ନାୟକାଣିଡିହୀ ଗ୍ରାମରେ ଉକ୍ତ ଚିଙ୍ଗୁଡ଼ି ପ୍ଲାଣ୍ଟରେ କାର୍ଯ୍ୟରତ ଥିବାବେଳେ ଅସାବଧାନବଶତଃ ଚିଙ୍ଗୁଡ଼ି ପୋଖରୀରେ ପଡ଼ିଯାଇଥିଲେ। କିଛି ସମୟ ପରେ ସେଠାରେ କାର୍ଯ୍ୟରତ ଅନ୍ୟ ଯୁବକମାନେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାୟକାଣିଡିହୀ ଥାନା ପୋଲିସ ପହଞ୍ଚି ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଗଞ୍ଜେଇ ସହ କାର୍ ଜବତ, ୨ ଗିରଫ

ଭଦ୍ରକ ଅଫିସ, ୨୪।୪

ଭଦ୍ରକ ଜିଲା ଅବକାରୀ ବିଭାଗ ପକ୍ଷରୁ ନିରୀକ୍ଷକ ଧନେଶ୍ୱର ବରାଡ଼ଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଧାମନଗର ଥାନା ୧୬ ନଂ. ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର ଛକ ନିକଟରୁ ୧୦ କେଜି ଗଞ୍ଜେଇ ସହ ଏକ ଇଣ୍ଡିଗୋ କାର ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ କାର୍‌କୁ ଯାଞ୍ଚ କରିଥିଲା ଟିମ୍। ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଗିରଫ ଦୁଇଜଣ ହେଲେ ଧୂଷୁରୀ ଥାନା ଅଧୀନ ତୋରବଣ୍ଟିଆ ଗ୍ରାମର ଚକ୍ରଧର ଜେନା ଓ ଧାମନଗର ଥାନା ମିରହାସନପୁର ଗ୍ରାମର ହେମନ୍ତ ମଲିକ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏସ୍‌ଆଇ ସନ୍ତୋଷ କୁମାର ବଳ, ଏଏସ୍‌ଆଇ ଭବେଶ ଦାସ, ଦୀପକ ରାଉତ ଓ ନନ୍ଦୁ ନାୟକ, କନଷ୍ଟେବଲ ପ୍ରଦୀପ ମଲ୍ଲିକ, ରମେଶ ନାୟକ, ମିଥୁନ ଜେନା, ଖଗେଶ୍ୱର ଜେନା, ସନ୍ଧ୍ୟାରାଣୀ ସେନାପତି ପ୍ରମୁଖ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଏ ନେଇ ମାମଲା (ନଂ. ୩/୨୧) ରୁଜୁ କରାଯାଇଛି। ସେହିପରି ଏହି ଟିମ୍ ଗ୍ରାମାଞ୍ଚଳ ଥାନା ଅଧୀନ ବରପଦି(ବାରିକପୁର)ରେ ଚଢ଼ାଉ କରି ୫୦୦ ଲିଟର ମଦ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

## ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲା ଯାଞ୍ଚ କମିଟି

ବନ୍ତ, ୨୪।୪ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକର କେନ୍ଦୁଆପଦା ହାଇସ୍କୁଲ, କୃପାସିନ୍ଧୁ ହାଇସ୍କୁଲ, କୃଷ୍ଣଚନ୍ଦ୍ର ବିଦ୍ୟାମନ୍ଦିରକୁ ରାଜ୍ୟ ସରକାର ଉଚ୍ଚାକାଂକ୍ଷୀ ବିଦ୍ୟାଳୟ ଭାବେ ଘୋଷାଣା କରିବା ପରେ ପ୍ରଶାସନିକ ସ୍ତରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଯାଞ୍ଚ କମିଟି ଏହି ବିଦ୍ୟାଳୟଗୁଡ଼ିକ ପରିଦର୍ଶନ କରି ବିଭିନ୍ନ ଅଭାବ ଅସୁବିଧା, ଛାତ୍ରୀଛାତ୍ରଙ୍କୁ ଜାତୀୟ ସ୍ତରରେ ଉପଲବ୍ଧ ବିଭିନ୍ନ ବୈଜ୍ଞାନିକ, କମ୍ପ୍ୟୁଟର ଆଧାର ଶିକ୍ଷଣ କାର୍ଯ୍ୟ, ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ ବ୍ୟବହାର ସୁବିଧା ପାଇବା ସମ୍ପର୍କରେ ଆଲୋଚନା କରିଥିଲା। ଏଥିରେ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ, ଅନୁଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ଅଜୟ କୁମାର ପୃଷ୍ଟି, ସଂଯୋଜନା କେନ୍ଦ୍ର ପ୍ରୋଗ୍ରାମର ମନୋଜ ନାୟକ, ବରିଷ୍ଠ ବୈଷୟିକ ପରାମର୍ଶଦାତା ଅମିତ୍ର ମୋହନ ସିଂ ଓ ଜଗନ୍ନାଥ ବିଶ୍ୱାଳ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ବିମଳ ଚନ୍ଦ୍ର ଦାସ, ପୁରାତନ ଛାତ୍ରସଂସଦ ସଭାପତି ବିକ୍ରମାଦିତ୍ୟ ତ୍ରିପାଠୀ, ଏସ୍ ଏମ୍ ଡି ସି ସଭାପତି ଅପର୍ତ୍ତି ଚରଣ ଜେନା, ବରିଷ୍ଠ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ, ପ୍ରକାଶ ଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଆଶାଲତା ରାଜ, ସୁଷମା ମଲ୍ଲିକ, ସୁଧାକର ବଳ, ବିଧୁଭୂଷଣ ବିଶ୍ୱାଳ, ମନ୍ମଥ ଜେନା, ରବୀନ୍ଦ୍ର ମୋହନ ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଅଧିକାରୀ।

## କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଏମ୍‌ପିଙ୍କୁ ଭେଟିଲା ବିକାଶ ପରିଷଦ

ଚମ୍ପୁଆ, ୨୪।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଅଢେଇ ଏକର ଜମିଚିହ୍ନଟ ହୋଇସାରିଥିବା ବେଳେ ଏହାକୁ ସ୍ଥାନାନ୍ତର ନ କରିବା ପାଇଁ ଚମ୍ପୁଆ ବିକାଶ ପରିଷଦର ଏକ ଟିମ୍ ଚମ୍ପୁଆ ଡାକ ବଙ୍ଗଳା ଠାରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଭେଟିଛନ୍ତି। ବିକାଶ ପରିଷଦ ଦାବି ମୁତାବକ ଚମ୍ପୁଆ ଏକ ଆଦିବାସୀ ଅଧ୍ୟୁଷିତ ଅନଗ୍ରସର ଉପାନ୍ତ ଅଞ୍ଚଳ ହୋଇଥିବା ବେଳେ ୨୦୧୭ରେ ତତ୍କାଳୀନ ଏମ୍‌ପିଙ୍କ ଉଦ୍ୟମ କ୍ରମେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। ଏହା ବାବଦକୁ ଅଢେଇ ଏକର ସ୍ଥାନ କେନ୍ଦ୍ରୀୟ ବିଦ୍ୟାଳୟ ନାମରେ ପଟ୍ଟା ହୋଇଥିବା ବେଳେ ଆଉ ୫.୫ ଏକର ପାଇଁ କିଶମ ପରିବର୍ତ୍ତନ ସକାଶେ ଜଙ୍ଗଲ ବିଭାଗ ଅନୁମତି ଦେଉନାହିଁ। ମାତ୍ର ବର୍ତ୍ତମାନ ଏହା କାଳିକା ପ୍ରଶାଦ ଠାରେ ସ୍ଥାପନ ପାଇଁ ଆଦେଶ ମିଳିଥିବା ଦାବି କରିଛନ୍ତି। ଏହାକୁ ଚମ୍ପୁଆରେ କରା ନ ଗଲେ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ କରାଯିବା ସହ ଆଗାମି ଏନଏସି ନିର୍ବାଚନ ବର୍ଜନ କରାଯିବ ବୋଲି ସୂଚନା ଦେଇଛନ୍ତି।


ବିକାଶ ପରିଷଦ କର୍ମକର୍ତ୍ତା ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁଙ୍କୁ ସାକ୍ଷାତ କରୁଛନ୍ତି।

# ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ପଦ୍ମପୁର,୨୪।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତର ବିଭିନ୍ନ ସାହି ବୁଲି କରୋନା ସଚେତନତା ବାର୍ତ୍ତା ସହ ସାଧାରଣ ଲୋକଙ୍କ ସମସ୍ୟା ବୁଝିଛନ୍ତି ବିଧାୟକ ବିଷ୍ଣୁବ୍ରତ ରାଉତରାୟ। ଶନିବାର ପୂର୍ବାହ୍ନରେ ମେଙ୍କି ଛକଠାରେ ବିଧାୟକ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସମ୍ବର୍ଦ୍ଧିତ କରି ପାଛୋଟି ନେଇଥିଲେ। ବିଧାୟକ ପ୍ରଥମେ ୧୨ ନଂ ୱାର୍ଡ଼ର ତାରିଣୀ ମନ୍ଦିର ନିକଟରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ପରେ ଲୋକଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଏହାପରେ ପଞ୍ଚାୟତର ୫, ୬, ୭, ୮ ଓ ୧୦ ନଂ ୱାର୍ଡ଼ ବୁଲିଥିଲେ। ମହାଦେବ ମନ୍ଦିର ରାସ୍ତା ନିର୍ମାଣ, ନିଷ୍କାସନ ନାଳ ନିର୍ମାଣ, ଗୋପାଳ ଜୀଉଙ୍କର ରୋଷେଇ ଗୃହ, ମହାଦେବ ପୋଖରୀ ସୁରକ୍ଷା ପ୍ରାଚୀର ନିର୍ମାଣ, ଜଗନ୍ନାଥ ମନ୍ଦିର ସମ୍ପୂର୍ଣ୍ଣ, ଜେନାସାହି ରାସ୍ତା ଓ ଗୋପାଳସାହି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ପାଇଁ ପ୍ରତିଶ୍ରୁତି ଦେବା ସହ ବିଭିନ୍ନ ଭତ୍ତା ସମସ୍ୟା, ମୋ କୁଡ଼ିଆ, ବିଜୁ ପକ୍କାଘର, ସାମାଜିକ ସୁରକ୍ଷା ଯୋଜନା ସହ ଜଡ଼ିତ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଦଳ ମତ ନିର୍ବିଶେଷରେ ଜନସାଧାରଣଙ୍କ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ସହ ସିଧାସଳଖ ସମସ୍ୟା ବିଷୟରେ ତାଙ୍କ ସହ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ବିଧାୟକ। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ମାନସ ସାହୁ, ବରିଷ୍ଠ କର୍ମୀ ପ୍ରଫୁଲ୍ଲ କୁମାର ରାୟ, ପ୍ରକାଶ ଜେନା, ଯୋଗେନ୍ଦ୍ର ନାୟକ, ରଘୁନାଥ ଜେନା, ନିତ୍ୟାନନ୍ଦ ରାଉତ, ଉପେନ୍ଦ୍ର ଦଳେଇ, ଚନ୍ଦ୍ରଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସୁଗୋ ଗାଁ ପରିଦର୍ଶନ କରୁଛନ୍ତି।

କରୋନା ସଚେତନତା ବାର୍ତ୍ତା ଦେଲେ

## ଚମ୍ପୁଆରେ ଖୋଲିଲା କୋଭିଡ୍ କେୟାର କେନ୍ଦ୍ର

ଚମ୍ପୁଆ,୨୪।୪(ଡି.ଏନ.ଏ.)

କରୋନା ମହାମାରୀ ବର୍ତ୍ତମାନ ଭୟଙ୍କର ରୂପ ନେବାକୁ ବସିଲାଣି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି କୋଭିଡ ସଂକ୍ରମଣକୁ ପ୍ରତିହିତ କରିବା ପାଇଁ ଶନିବାର ଚମ୍ପୁଆ ସ୍ଥିତ ଅନ୍ୱେଷା ଛାତ୍ରାବାସ ଠାରେ କୋଭିଡ କେୟାର ସେଣ୍ଟରକୁ ଉପଖଣ୍ଡ ଚିକିତ୍ସାଧିକାରୀ ଉମାକାନ୍ତ ସାହୁ ଓ ଏନଏସି ନିର୍ବାହି ଅଧିକାରୀ ଗୌରହରି ମହାନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପଶ୍ଚିମବଙ୍ଗ ଫେରନ୍ତା ଚିହ୍ନଟ ହେଉଥିବା ସଂକ୍ରମିତଙ୍କୁ ଏଠାରେ ୧୪ ଦିନ ସଙ୍ଗରୋଧ କରାଯିବା ପରେ ଛଡାଯିବାର ବ୍ୟବସ୍ଥା କରାଯିବାକୁ ଥିବାବେଳେ ଗୁରୁତର ସଂକ୍ରମିତଙ୍କୁ ବାହାର କୋଭିଡ ହସ୍ପିଟାଲକୁ ପଠାଯିବ ବୋଲି ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି। ଏହି ସେଣ୍ଟର ଦାୟିତ୍ୱରେ ୩ଜଣ ଡାକ୍ତର ରହିଥିବା ବେଳେ ୪ଜଣ ନର୍ସ ଓ ୩ ଜଣ ଫାର୍ମାସିଷ୍ଟ ୨୪ ଘଣ୍ଟିଆ କାର୍ଯ୍ୟ ତୁଲାଇବେ। ଏହା ୫୦ ଶଯ୍ୟା ବିଶିଷ୍ଟ ହୋଇଥିବା ଜଣାଯାଇଛି।

